

# ଭୁବନେଶ୍ୱର ସିଟି





## କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ମାରାଥନ୍ ପ୍ରଚାର

# ଶଙ୍ଖମୟ ରାଜଧାନୀ








**ଭୁବନେଶ୍ୱର ସାଂସଦଙ୍କ ମୁଖା ଖୋଲିଲେ ବିଜେଡି ନେତା**

**'ସବୁ ଭଲ କାମକୁ ବିରୋଧ କରି କୋର୍ଟ ଗଲେ'**

**'ଲୋକଙ୍କ ବିଶ୍ୱାସ ଭାଙ୍ଗିଛନ୍ତି, ତାଙ୍କୁ ଚିହ୍ନି ରଖନ୍ତୁ'**





ଭୁବନେଶ୍ୱର, ୨୧।୫(ସମିସ):

ବର୍ତ୍ତମାନର ଭୁବନେଶ୍ୱର ସାଂସଦ ପୂର୍ବରୁ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ଥିଲେ। କାର୍ଯ୍ୟକ୍ଷେତ୍ରରେ ସାଧାରଣ ଲୋକଙ୍କ ସମସ୍ୟାକୁ ପାଖରୁ ଦେଖିଥିବାରୁ ଏହାର ସମାଧାନ ଓ ଲୋକଙ୍କ ବିକାଶକୁ ପ୍ରାଥମିକତା ଦେବେ ବୋଲି ଲୋକମାନେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ମାତ୍ର ଲୋକଙ୍କ ବିକାଶ ତ ଦୂରର କଥା ସେ ବିକାଶର ବାଟ ଓଗାଳିଛନ୍ତି। ସବୁ ଭଲ କାମକୁ ଅଟକାଇବା ତାଙ୍କ ରାଜନୀତିର ମୁଖ୍ୟ ରଣନୀତି ପାଲଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ଯେଉଁ ବିକାଶ କାମ ହେଉଛି ତାକୁ ଅଟକାଇବା ପାଇଁ ସେ କୋର୍ଟ କଚେରିର ଦ୍ୱାରସ୍ଥ ହେଉଛନ୍ତି। ସେହି କାରଣରୁ ଆଜି ଏକାମ୍ର ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଛି। ତେଣୁ ଲୋକମାନେ ଏଥର ଠିକ୍ ଲୋକଙ୍କୁ ବାଛିବେ, ବିକାଶ ବିରୋଧୀଙ୍କୁ କଡ଼ା ଜବାବ ଦେବେ। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରି ଭୁବନେଶ୍ୱର ସାଂସଦଙ୍କ ମୁଖା ଖୋଲିଛନ୍ତି। ନୂଆପଲ୍ଲୀ କସ୍ତୁରବା ପଡ଼ିଆରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ସିଧାସଳଖ ଟାର୍ଗେଟ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଭୁବନେଶ୍ୱର ସାଂସଦ ଆମ ରାଜଧାନୀର ବିକାଶ ପାଇଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ସେ ଭୁବନେଶ୍ୱରକୁ ୨୫ ବର୍ଷ ତଳକୁ ନେଇଯାଇଛନ୍ତି। କିଛି କାମ କଲେନି କିମ୍ବା କରିବାକୁ ଦେଲେନି। ସମସ୍ତଙ୍କର ଆଶା ଥିଲା ସେ ଭୁବନେଶ୍ୱରକୁ ପୁଞ୍ଜିନିବେଶ ଆଣିବେ, ବଡ଼ ବଡ଼ ଆଇଟି କମ୍ପାନୀ ଆସିବେ, ଏମ୍‌ଏସ୍‌ଏମ୍‌ଇ ପାର୍କ, ଟେକ୍ସଟାଇଲ୍ ପାର୍କ ଆଣିବେ। ବେଙ୍ଗାଲୁରୁ, ଭୋପାଳ ସାଂସଦ ନିଜ ଅଞ୍ଚଳ ପାଇଁ ୪୦/୫୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆଣିଛନ୍ତି। କିନ୍ତୁ ଆମ ସାଂସଦ କିଛି କଲେ ନାହିଁ। କେବଳ ଭୁବନେଶ୍ୱରରେ ବୁଲି ବୁଲି ୱାଟର୍ କୁଲର୍ ଲଗାଉଛନ୍ତି। ଲିଙ୍ଗରାଜ ମନ୍ଦିର ଓ ଶ୍ରୀମନ୍ଦିର କାମକୁ ଅଟକାଇବା ପାଇଁ ପୂରା ବଳ ଲଗାଇ ଦେଲେ। ଭୁବନେଶ୍ୱର ବାସିନ୍ଦାଙ୍କ କୌଣସି ଆଶା ପୂରଣ କଲେ ନାହିଁ। ଏମିତି ଲୋକଙ୍କୁ ଚିହ୍ନି ରଖନ୍ତୁ। ସେ କେବଳ କ୍ଷମତା ପାଇଁ ରାଜନୀତିକୁ ଆସିଛନ୍ତି, ସେବା ପାଇଁ ନୁହେଁ ବୋଲି ଶ୍ରୀ ପାଣ୍ଡିଆନ୍ କଟାକ୍ଷ କରିଥିଲେ।

ଶ୍ରୀ ପାଣ୍ଡିଆନ୍ କହିଥିଲେ, ବିଜୁ ଜନତା ଦଳ ଏକମାତ୍ର ରାଜନୈତିକ ଦଳ ଯିଏ ତା'ର ନିର୍ବାଚନ ଇସ୍ତାହାରରେ ମଧ୍ୟବିତ୍ତ ଲୋକମାନଙ୍କ ଉନ୍ନତିକୁ ସ୍ଥାନ ଦେଇଛି। ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ଏହାସହ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହାଉସିଂ ଲୋନ୍ ପାଇଁ ସୁଧ ହାର କମ୍ ରହିବ। ଯାହା ଅନ୍ୟ କୌଣସି ରାଜ୍ୟରେ ଉପଲବ୍ଧ ନାହିଁ। ପୁଅଙ୍କୁ ୧୨ ହଜାର ଓ ଝିଅଙ୍କୁ ୧୪ ହଜାର ଟଙ୍କାର ଛାତ୍ରବୃତ୍ତି ମିଳିବ। ମଧ୍ୟବିତ୍ତ ଲୋକଙ୍କ ମୁଣ୍ଡ ଉପରୁ ବୋଝ ହାଲୁକା କରିବା ପାଇଁ ଓ ସେମାନଙ୍କ ଖର୍ଚ୍ଚ କମାଇବା ଚିନ୍ତା କରି ମୁଖ୍ୟମନ୍ତ୍ରୀ ଏସବୁ ପଦକ୍ଷେ ନେଇଛନ୍ତି। ମହାପ୍ରଭୁ ଓ ଆପଣମାନଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ପୁଣିଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶଥ ନେବେ। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କ ବିଜୁଳି ବିଲ୍ ଛାଡ଼ ହେବ। ବିଶେଷକରି ବସ୍ତିବାସିନ୍ଦାଙ୍କ ପାଖକୁ ଆଉ ବିଜୁଳି ବିଲ୍ ଆସିବ ନାହିଁ।

ସେ ଆହୁରି କହିଛନ୍ତି, ବିଜେପି ୨୦୧୪ରେ କହିଥିଲା କ୍ଷମତାକୁ ଆସିଲେ ଡାଲି, ଖାଇବା ତେଲ, ପେଟ୍ରୋଲ ଡିଜେଲ ଦର କମାଇବେ। ହେଲେ କିଛି କମିଲା କି ବୋଲି ସେ ସାଧାରଣ ଲୋକଙ୍କୁ ପ୍ରଶ୍ନ କରିଛନ୍ତି। ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ନୂଆପଲ୍ଲୀ କସ୍ତୁରବା ପଡ଼ିଆ ସମେତ ୟୁନିଟ୍-୯ ଗଜଲକ୍ଷ୍ମୀ ପଡ଼ିଆ, ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ମାରଥନ୍ ପ୍ରଚାର କରିଥିଲେ। ତାଙ୍କ ସହ ଭୁବନେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ନିଜ ପାଇଁ ଭୋଟ ମାଗିଥିଲେ।









## ଗଡ଼ାଚାଲିଛି ତିନିରଥ...

# ଆଜି ଗୁଜ ଅନୁକୂଳ, ଖୋଲାଯିବ ଯନ୍ତା ଗାଡ଼



**ପୁରୀ, ୨୧।୫ (ସମିସ):** ରଥଖଳାରେ ରଥ ନିର୍ମାଣ ଜୋର୍ ଧରିଛି। ପ୍ରଥମେ ତୁମ୍ବ ତିଆରି କରାଯାଉଥିବା ବେଳେ ଏଥିରେ ବିନ୍ଧ ଶେଷ ହୋଇଛି। ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବରେ ବିନ୍ଧ ସରିଥିବା ବେଳେ ମହାରଣାମାନେ ମାପ ଅନୁଯାୟୀ ବିନ୍ଧଗୁଡ଼ିକୁ ନିହାଣ ଦ୍ୱାରା ସାଇଜ୍ କରିଛନ୍ତି। ଏହାଦ୍ୱାରା ବିନ୍ଧଗୁଡ଼ିକରେ ଅରପଟା ଠିକ୍ ଭାବେ ସଂଯୋଗ ହୋଇପାରିବ। ତେବେ ବୁଧବାର ପବିତ୍ର ନୃସିଂହ ଚତୁର୍ଦ୍ଦଶୀ। ବିଧି ମୁତାବକ, ଏହି ଦିନ ରଥଖଳାରେ କୋଣଗୁଜ ଅନୁକୂଳ କରାଯିବ। ଏଥିସହ ଅରକଟା ଅନୁକୂଳ, ଅର ଭୁଞ୍ଜା ଅନୁକୂଳ ଏବଂ ଯନ୍ତା ପଟାରେ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣା ସେବକମାନଙ୍କ ଦ୍ୱାରା ପରମ୍ପରା ଅନୁସାରେ ଅନୁଷ୍ଠିତ ହେବ। ସେଥିପାଇଁ ମଙ୍ଗଳବାର ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଳିକୁ ଗୁଜ, କୁତୁକା ଏବଂ ଜଳ ଯନ୍ତ ନିର୍ମାଣ ପାଇଁ ପ୍ରଥମ ଦଫାରେ ୧୦ଟି ଲେଖାଏଁ ୧୨ଫୁଟିଆ ଧଉରା ଏବଂ ଅସନ କାଠ ଯୋଗାଇଛନ୍ତି। ଏଥିସହ ତିନି ରଥର ଦୁଇଟି ନାହାକା ଚକର ଅର ନିର୍ମାଣ ପାଇଁ ପ୍ରତ୍ୟେକ ରଥ ଚାଳିକୁ ୧୧ଟି ଲେଖାଏଁ ୧୨ଫୁଟିଆ ଅରପଟା ଯୋଗାଇଛନ୍ତି। ସେହିପରି ତିନିରଥ ଚାଳିକୁ ୭ଟି ଲେଖାଏଁ ଚକ ନିର୍ମାଣ ପାଇଁ ପ୍ରଥମ ଦଫା ପଇ ଯୋଗାଇ ଦିଆଯାଇଛି।

ଅନ୍ୟପକ୍ଷରେ ନୃସିଂହ ଚତୁର୍ଦ୍ଦଶୀରେ ପ୍ରଥମ କରି ରୂପକାର ସେବକମାନେ ରଥଖଳାକୁ ପ୍ରବେଶ କରିବେ। ସମର୍ପଣ ମନୋଭାବ ପୂର୍ବକ ମହାପ୍ରଭୁଙ୍କ ସେବାରେ ଲାଗିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତ ଶେଷ ହୋଇଛି। ସେହିପରି ବୁଧବାର ଯନ୍ତାଗାଡ଼ ମଧ୍ୟ ଖୋଲାଯିବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୋତା ଯାଇଥିବା ଏହି ଗାଡ଼କୁ ଭୋଇ ସେବକମାନେ ଖୋଲିବେ।

## ବିଡ଼ି କାରିଗରଙ୍କୁ ଠକିଛି ବିଜେପି ସରକାର

# ୫୦ ଶଯ୍ୟା ମେଡିକାଲ ହେଲାନି; ପୁଣି ୫୦୦ରେ ପ୍ରତିଶ୍ରୁତି

**ସମ୍ବଲପୁର, ୨୧।୫ (ସମିସ):** ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମ୍ବଲପୁରରେ ନିର୍ବାଚନୀ ପ୍ରଚାର କରି ମିଥ୍ୟା ପ୍ରତିଶ୍ରୁତିର ପାହାଡ଼ ସୃଷ୍ଟି କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ସେ ଲୋକଙ୍କୁ ଭୁଆଁ ବୁଲାଇଥିବା ବେଳେ ବିଶେଷକରି ବିଡି କାରିଗର ଓ କେନ୍ଦୁପତ୍ର ସଂଗ୍ରହରେ ସମ୍ପୃକ୍ତ ଅସ୍ଥାୟୀ କର୍ମଚାରୀ ଓ ଶ୍ରମିକମାନଙ୍କୁ ପୁଣି ମିଛ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ବିଡି କାରିଗରଙ୍କ ପାଇଁ ସମ୍ବଲପୁରରେ ଏକ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କରାଯିବ। କିନ୍ତୁ ବିଡ଼ମ୍ବନାର କଥା ହେଲା, ୧୦ ବର୍ଷ ପୂର୍ବରୁ ବିଡି ଶ୍ରମିକଙ୍କ ପାଇଁ ସମ୍ବଲପୁରରେ ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ ସ୍ଥାପନ ପାଇଁ ପ୍ରସ୍ତାବ ହୋଇଥିଲା। ତାହା ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ଏବେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ଘୋଷଣା ବିଜେପିର ଆଉ ଏକ ନିର୍ବାଚନୀ ଜୁମ୍‌ଲା ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ବିଡି କାରିଗର ସଂଘ ସମ୍ପାଦକ ଗୋକୁଳ ମେହେର କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ବିଜେପି ସରକାର ସମ୍ବଲପୁରର ବିଡି କାରିଗରଙ୍କୁ ଠକିଛନ୍ତି। ଜିଲ୍ଲାରେ ଏକ ଇଏସ୍ଆଇ ମେଡିକାଲ ନିର୍ମାଣ କରିବାକୁ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହି ପ୍ରସ୍ତାବକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ହସ୍ପିଟାଲ ପାଇଁ ଇଟା ଖଣ୍ଡିଏ ବି ପଡ଼ି ପାରିନାହିଁ। କେନ୍ଦ୍ର ସରକାରଙ୍କ ଏଭଳି ପ୍ରକଳ୍ପ, ଯୋଜନାଗୁଡ଼ିକ କେବଳ ମିଥ୍ୟା ପ୍ରତିଶ୍ରୁତି, ଘୋଷଣାରେ ସୀମିତ ରହିଯାଏ ବୋଲି ସେ କହିଛନ୍ତି।

**ବିଜେପି ନେତାଙ୍କ ଆଉ ଏକ ଜୁମ୍‌ଲା**

ଶ୍ରୀ ମେହେର କହିଛନ୍ତି ଯେ ସେ କମିଟିରେ ସଦସ୍ୟ ଅଛନ୍ତି। ବିଡ଼ି କାରିଗର, ଶ୍ରମିକ, ତୋଳାଳି ତଥା ଏହା ଉପରେ ନିର୍ଭର କରୁଥିବା ପରିବାରକୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଜିଲ୍ଲାରେ ଇଏସ୍ଆଇ ମେଡିକାଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ସୁବିଧା ଥାଇ ଅତି କମ୍‌ରେ ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ବଲପୁର ସହର ଉପକଣ୍ଠ କୌଣସି ସ୍ଥାନରେ ନ ହେଲେ ରେଙ୍ଗାଲି ପାଖରେ ଏହା କରିବାକୁ ଯୋଜନା ହୋଇଥିଲା। ହେଲେ କେନ୍ଦ୍ର ଶ୍ରମ ସଚିବଙ୍କ ଅଫିସ୍‌ରେ ଏହାର ଫାଇଲ ଏପର୍ଯ୍ୟନ୍ତ ସେମିତି ପଡ଼ି ରହିଛି। ସ୍ଥାନୀୟ ବିଜେପି ନେତା ଓ କେନ୍ଦ୍ରୀୟ ବିଜେପି ନେତାଙ୍କ ଆନ୍ତରିକତା ଅଭାବରୁ ପ୍ରସ୍ତାବିତ ବିଡ଼ି କାରିଗର ମେଡିକାଲ ଫାଇଲ୍ ଉପରେ ମଇଳା ଜମାଟ ବାନ୍ଧିଛି। ଦେଶର ଅନେକ ସ୍ଥାନରେ ବିଡ଼ି କାରିଗର ଡାକ୍ତରଖାନା ଥିବା ବେଳେ ଆମ ରାଜ୍ୟ ତଥା ସମ୍ବଲପୁର ଜିଲ୍ଲାକୁ ଅବହେଳା କରାଯାଇଛି। ରେଙ୍ଗାଲିରେ ବିଡି କାରିଗର ଡାକ୍ତରଖାନା ପ୍ରତିଷ୍ଠା ପାଇଁ ବର୍ଷ ବର୍ଷ ଧରି ବାରମ୍ବାର ଦାବିପତ୍ର ଏବଂ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଆସୁଛି। କିନ୍ତୁ ଆମ ରାଜ୍ୟକୁ ଅଣଦେଖା କରି କମ୍ ବିଡ଼ି କାରିଗରଙ୍କ ପାଇଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର ଆଦି ରାଜ୍ୟରେ ଦୁଇଟି ଲେଖାଏଁ ଉନ୍ନତମାନର ବିଡ଼ି କାରିଗର ଡାକ୍ତରଖାନା ପ୍ରତିଷ୍ଠା ହୋଇସାରିଛି ବୋଲି ସେ କହିଛନ୍ତି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଜେପି ନିର୍ବାଚନ ସମୟରେ ନାରା ଦେଉଥିବା ବେଳେ ସମ୍ବଲପୁରରେ ବିଡି କାରିଗର ମେଡିକାଲ ନହେବା ବିଜେପିର ବିଫଳତା ଉଦାହରଣ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରେଙ୍ଗାଲି, ପରମାଣପୁର ସମ୍ବଲପୁର ସହରାଞ୍ଚଳରେ ୨ ଲକ୍ଷ ୪୫ହଜାର ପଞ୍ଜିକୃତ ବିଡ଼ି କାରିଗର ବିଭିନ୍ନ କମ୍ପାନୀର ବିଡ଼ି ତିଆରି କରିଥା'ନ୍ତି। ପଞ୍ଜିକୃତ ବିଡ଼ି କାରିଗର ବ୍ୟତୀତ ଅଣପଞ୍ଜିକୃତ କାରିଗରଙ୍କ ସଂଖ୍ୟା ପ୍ରାୟ ୨ଲକ୍ଷ ହେବ। ରେଙ୍ଗାଲି ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ବିଡ଼ି କାରିଗର ଅଛନ୍ତି। ବିଡ଼ି ତିଆରି କାମ ୱେଲଫେୟାର୍ ଏଣ୍ଡ ସେସ୍ କମିସନରଙ୍କ ନିକଟକୁ ପଠାଇଥିଲେ। ରେଙ୍ଗାଲିରେ ବିଡ଼ି ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକ ଶ୍ରମିକ ଯୋଗାଡ଼ ସେସ୍ ହେଲା ପରେ ୱେଲଫେଆର୍ କମିସନର ଏ ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ୍ କେନ୍ଦ୍ର ଶ୍ରମ କଲ୍ୟାଣ ସଚିବଙ୍କ ପାଖକୁ ପଠାଇଛନ୍ତି। ୧୦ବର୍ଷ ବିତିଗଲା ପରେ ମଧ୍ୟ ପ୍ରସ୍ତାବିତ ମେଡିକାଲ ନାଲିଫିତାରେ ବନ୍ଧା ହୋଇ ପଡ଼ିଛି। କେନ୍ଦ୍ର ମନ୍ତ୍ରଣାଳୟର ପୂରା ଅସହଯୋଗ ରହୁଛି। ଅଇଁଠାପାଲିରେ ଏକ ଡିସ୍ପେନ୍‌ସରୀ ବିଡ଼ି କାରିଗର ତଥା ଅନ୍ୟ ଇଏସଆଇ ଅଧୀନରେ ଥିବା ପରିବାର ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଥିବାର ଦେଖିବାକୁ ମିଳୁଛି। ରେଙ୍ଗାଲି ମୌଜାର ରମାପଡ଼ାରେ ଖାତା ନଂ ୫୦୪୬ର ପ୍ରାୟ ୨୦ ଏକର ପତିତ କିସମ ଜମି ଚିହ୍ନଟ କରାଯାଇଥିଲା। ଏହି ଜମିରେ ବିଡ଼ି ଶ୍ରମିକଙ୍କ ପାଇଁ ଡାକ୍ତରଖାନା ନିର୍ମାଣ ପ୍ରସ୍ତାବ ହୋଇଥିଲା।

# ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ବର୍ଷ ଜେଲ୍ ଓ ୧ ଲକ୍ଷ ଲେଖାଏଁ ଜରିମାନା

**କଟକ, ୨୧।୫(ସମିସ):** ଗଞ୍ଜେଇ ଚୋରା ଚାଲାଣକାରୀ ଦୁଇଜଣ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉତ୍ତରପ୍ରଦେଶ ବାଘାପାଟ ଜିଲ୍ଲା ଡାଉଲା ଅଞ୍ଚଳର କୁଳଦୀପ ରାଣା ଓ ସଚ୍ଚିନ କୁମାରଙ୍କୁ ୧୦ବର୍ଷ ସଶ୍ରମ ଜେଲ ଓ ୧ ଲକ୍ଷ ଟଙ୍କା ଲେଖାଁଏ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଗଞ୍ଜେଇ ଚାଲାଣ ଅଭିଯୋଗ ସମ୍ପର୍କିତ ମାମଲାର ଶୁଣାଣି କରି କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଦୁଇଜଣ ଦୋଷୀଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଦେବାଶିଷ ସାମନ୍ତରାୟ ଓ ଅତିରିକ୍ତ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

# ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀଙ୍କୁ ଅନ୍ତରୀଣ ଜାମିନ

**କଟକ, ୨୧।୫(ସମିସ):** ସିନ୍ଧିଗାଁଠାରେ ଟାଟା ଜମି ଅଧିଗ୍ରହଣକୁ ବିରୋଧ ବେଳେ ବୋମାମାଡ଼ରେ ଆରଆଇଙ୍କ ମୃତ୍ୟୁ ମାମଲାରେ ଛତ୍ରପୁରର ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀଙ୍କୁ ଅନ୍ତରୀଣ ଜାମିନ ମିଳିଛି। ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ଶ୍ରୀ ରେଡ୍ଡୀଙ୍କୁ ହାଇକୋର୍ଟ ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଡି.କାମରାଜୁ ବର୍ମା, ଏନ.ଦିଲ୍ଲୀପ କୁମାର ରେଡ୍ଡୀ ଓ ଅନ୍ୟ ୧୦ଜଣଙ୍କୁ ମଧ୍ୟ ହାଇକୋର୍ଟ ଅନ୍ତରୀଣ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦେବବ୍ରତ ଦାଶ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ରେଡ୍ଡୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ୫ଟି ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୧୯୯୮, ଜୁନ ୧୮ରେ ଟାଟାର ଜମି ଅଧିଗ୍ରହଣକୁ ନେଇ ପୁଲିସ ଓ ସ୍ଥାନୀୟ ଜନତା ସଂଘର୍ଷ ହୋଇଥିଲା। ବୋମାମାଡ଼ରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର ବିନୋବା ମେହେରଙ୍କ ମୃତ୍ୟୁ ହୋଇଥିଲା। ଛତ୍ରପୁର ଥାନାରେ ରୁଜୁ ମାମଲାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ୨୨ଜଣ ଅଭିଯୁକ୍ତ ଥିଲେ।

# ଆଜି ପୁରୀ ଆସିବେ ମୁଖ୍ୟମନ୍ତ୍ରୀ

**ପୁରୀ,୨୧।୫(ସମିସ):** ବୁଧବାର ପୁରୀ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଳବଣିଆ ପଡ଼ିଆରେ ଆୟୋଜିତ ଦଳୀୟ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୨୫ତାରିଖରେ ପୁରୀ ଲୋକସଭା ନିର୍ବାଚନ। ୨୩ ତାରିଖରେ ନିର୍ବାଚନ ପ୍ରଚାର ଶେଷ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପୁରୀରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶାଳ ଜନସମାବେଶ ବେଶ୍ ଗୁରୁତ୍ୱ ବହନ କରୁଛି।

# ଓଡ଼ିଶାରେ ଆଜି ପ୍ରଚାର କରିବେ ଅରୁଣ ଗୋଭିଲ

**ଭୁବନେଶ୍ୱର, ୨୧।୫(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସରିଥିବା ବେଳେ ପ୍ରଚାରକୁ ଆହୁରି ଶାଣିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି ବିଜେପି। ଏହି କ୍ରମରେ ଲୋକପ୍ରିୟ ରାମାୟଣ ଧାରାବାହିକରେ ପ୍ରଭୁ ଶ୍ରୀରାମ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ ବୁଧବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ପୂର୍ବାହ୍ନ ୧୦.୪୫ରେ ସେ କେନ୍ଦୁଝରର ଚମ୍ପୁଆ, ମଧ୍ୟାହ୍ନ ୧୨.୧୫ରେ ତେଲକୋଇଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ଏହାପରେ ଅପରାହ୍ଣ ୧.୩୦ରେ ଢେଙ୍କାନାଳଠାରେ ଅନୁଷ୍ଠିତ ରୋଡ୍ ଶୋ' କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହା ପରେ ଶ୍ରୀ ଗୋଭିଲ ଅପରାହ୍ନ ୩ଟାରେ ଜୟଦେବ ନିର୍ବାଚନମଣ୍ଡଳୀର ଗୋରୁହାଟ ପଡ଼ିଆଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବେ। ସେହିପରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୨୩ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଉପରୋକ୍ତ ୩ ନେତାଙ୍କର ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟକ୍ରମ ରହିଛି।

# ମନ୍ମଥ ଓ ଅରୂପଙ୍କ ସପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

## 'ଏକାମ୍ର ଓ ଲିଙ୍ଗରାଜ ମନ୍ଦିର ଉନ୍ନତି ରୋକିବାକୁ ଚେଷ୍ଟା କରିଛନ୍ତି ଭୁବନେଶ୍ୱର ସାଂସଦ'

**ଭୁବନେଶ୍ୱର, ୨୧।୫(ସମିସ):** ଭୁବନେଶ୍ୱର ବିଜେଡି ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସପକ୍ଷରେ ଭିଡ଼ିଓ ଯୋଗେ ପ୍ରଚାର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମନ୍ମଥ ରାଉତରାୟ ଜଣେ ସଫଳ ପାଇଲଟ୍ ଥିଲେ। ଆଜି ରାଜଧାନୀବାସୀଙ୍କ ସେବା କରିବା ପାଇଁ ସେ ଭୁବନେଶ୍ୱର ମାଟିକୁ ଫେରିଆସିଛନ୍ତି। ଏବେ ରାଜନୀତିରେ ଯୁବପିଢ଼ିଙ୍କ ଯୋଗଦାନ ବହୁତ ବେଶୀ ରହିଛି। ମନ୍ମଥ ଏହି ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଥିବାରୁ ତାଙ୍କୁ ଭୋଟ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରବାସୀଙ୍କୁ ନିବେଦନ କରିଛନ୍ତି। ମନ୍ମଥଙ୍କ ପାଇଁ ସମର୍ଥନ ମାଗିବା ସହ ନାଁ ନ ନେଇ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ନିଶାଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୫ ବର୍ଷରେ ବିଜେପି ସାଂସଦ କୌଣସି ବଡ଼ କାମ କରିନାହାନ୍ତି। ଏକାମ୍ର ଏବଂ ଲିଙ୍ଗରାଜ ମନ୍ଦିର ଉନ୍ନତିକରଣ କାମକୁ ବନ୍ଦକରିବାକୁ ସେ ବାରମ୍ବାର ଚେଷ୍ଟା କରିଛନ୍ତି। ମନ୍ମଥ ଭୁବନେଶ୍ୱର ଲୋକଙ୍କ ଉନ୍ନତି ପାଇଁ ଦିନ ରାତି ମୋ କାମ କରିବେ। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବାରେ ମୋତେ ସହଯୋଗ କରିବେ। ସେଥିପାଇଁ ମନ୍ମଥଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସେହିପରି ମାଟିର ପୁଅର ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଭୋଟ ମାଗିଛନ୍ତି। ତାଙ୍କୁ ଜିତାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

● **ହାଇକୋର୍ଟରେ ଶିଶୁଯତ୍ନ କେନ୍ଦ୍ରଗୁଡ଼ିକରୁ ଶିଶୁ ନିଖୋଜ ମାମଲା**

# ସତ୍ୟପାଠ ଦାଖଲ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

**କଟକ,୨୧।୫ (ସମିସ):** କଟକ ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମରୁ ନିଖୋଜ ଜଣେ ବାଳକକୁ ଠାବ କରାଯାଇ ନପାରିବା ପ୍ରସଂଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। କେବଳ ଏହି ବାଳାଶ୍ରମ ନୁହେଁ, ରାଜ୍ୟର ସମସ୍ତ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ସ୍ଥିତି ପ୍ରସଙ୍ଗରେ ଅଦାଲତ ରିପୋର୍ଟ ତଲବ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ଦିଆଯାଇଛି। ଏବେ ବି ୫ ଜଣ ଶିଶୁ ବର୍ଷାଧିକ ସମୟ ଧରି ନିଖୋଜ ଥିବା ସତ୍ତ୍ୱେ ସେମାନଙ୍କୁ ଉଦ୍ଧାର କରାଯାଇନଥିବା ନେଇ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ନିଜେ ଡିଜିପି ଏହି ନିଖୋଜ ଘଟଣାରେ ମନିଟରିଂ କରିବା ସହ ପରବର୍ତ୍ତୀ ଶୁଣାଣି ସମୟରେ ସେମାନଙ୍କୁ ଉଦ୍ଧାର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୁଭେନାଇଲ ଜଷ୍ଟିସ କମିଟି ଦାଖଲ କରିଥିବା ରିପୋର୍ଟ ଆଧାରରେ ହାଇକୋର୍ଟ ନିଜ ଆଡ଼ୁ ରୁଜୁ କରିଥିବା ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ରାଜ୍ୟର ସମସ୍ତ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ସ୍ଥିତି ସମ୍ପର୍କରେ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

**ନିଖୋଜ ୫୭ ଶିଶୁଙ୍କ ମଧ୍ୟରୁ ଉଦ୍ଧାର ହୋଇଛନ୍ତି ୫୨**

# ରମେଶ ବେହେରା ରାଜନଗର ନିର୍ବାଚନ ସଂଯୋଜକ

ଭୁବନେଶ୍ୱର, ୨୧।୫(ସମିସ): ରମେଶ ଚନ୍ଦ୍ର ବେହେରାଙ୍କୁ ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ନିର୍ବାଚନ ସଂଯୋଜଗ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ହୋଇଥିବା ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ସୂଚନା ଦେଇଛନ୍ତି।

■ **ଏଲ୍ଇଡି ଟିଭି ବିକିବା ଆଳରେ ୨ କୋଟି ଠକେଇ**

# ଲକ୍ଷ୍ନୌରୁ କ୍ୱିକ୍ କ୍ଲିକ୍ ଆଡ୍ ମିଡିଆର ପ୍ରତିଷ୍ଠାତା ଗିରଫ

**ଭୁବନେଶ୍ୱର, ୨୧।୫ (ସମିସ):** ଏଲ୍ଇଡି ଟିଭି ବିକିବା ଆଳରେ ଓଡ଼ିଶାରୁ ପାଖାପାଖି ୨କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତ ବିମଳାନନ୍ଦ ଭୂୟାଁଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଗିରଫ କରିଛି। ଧରାପଡ଼ିବା ଭୟରେ ବିମଳାନନ୍ଦ ଛଦ୍ମବେଶରେ ସେଠାରେ ଲୁଚିଥିଲେ। ସୂଚନାଯୋଗ୍ୟ, କ୍ୱିକ୍ କ୍ଲିକ୍ ଆଡ ମିଡ଼ିଆ ନାମକ ଏକ ଜାଲ୍ ସଂସ୍ଥା କରି ବିମଳାନନ୍ଦ ଲୋକଙ୍କୁ ଚୂନ ମାରିଥିଲେ। ଏଲ୍ଇଡି ଟିଭି ବିକିବା ଆଳରେ ୨୦୧୭-୧୮ ମସିହାରେ ୧୦୦ରୁ ଅଧିକ ଲୋକଙ୍କଠାରୁ ଦୁଇ କୋଟିରୁ ଅଧିକ ଟଙ୍କା ଠକିଥିଲେ। ଏଥିରେ ତାଙ୍କ ପତ୍ନୀ ରମି ମଧ୍ୟ ସାମିଲ ଥିଲେ। ଏନେଇ ବିକାଶ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ପୂର୍ବରୁ ଇଓଡବ୍ଲୁ ରମିଙ୍କୁ ମୁମ୍ବାଇରୁ ଗିରଫ କରିସାରିଛି।

# ଥାନା ଉପରେ ଆକ୍ରମଣ ପାଇଁ ପ୍ରଶାନ୍ତ ଜଗଦେବଙ୍କ ଧମକ

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୨୧।୫(ସମିସ):** ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଶ୍ରୀ ଜଗଦେବ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ଡିପିଓ ଅଫିସ୍ ଓ ପୁଲିସ ଷ୍ଟେସନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଅଭିଯୋଗ କରିବା ସହ ଏହାର ଭିଡିଓ ପ୍ରମାଣ ମଧ୍ୟ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଭଳି ଆଚରଣ ପାଇଁ ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

● ଏସ୍‌ଡିପିଓ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଆକ୍ରମଣ ଚେତାବନୀ
● ସାମ୍ବାଦିକ ସମ୍ମିଳନୀରେ ଖୁଲମଖୁଲା ଧମକ ଦେଲେ ପ୍ରଶାନ୍ତ ଜଗଦେବ

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ ଶ୍ରୀ ଜଗଦେବ ୨୦୨୨ ମସିହାରେ ଖୋର୍ଦ୍ଧା ବିଜେପି ଟାଉନ ସଭାପତିଙ୍କୁ ଆକ୍ରମଣ କରିଥିଲେ। ଏଥିପାଇଁ ତାଙ୍କୁ ବିଜେଡିରୁ ନିଲମ୍ବନ ଓ ପରେ ବହିଷ୍କାର କରାଯାଇଥିଲା। ଏହି ଘଟଣାରେ ସେ ଗିରଫ ହୋଇ ବେଲ୍‌ରେ ଜେଲ୍‌ରୁ ବାହାରିବା ପରେ ଆଉ ଏକ ଘଟଣାକ୍ରମେ ମଦ୍ୟପାନ କରି ବିଜେପି କର୍ମୀଙ୍କୁ ଗାଡ଼ି ମଡ଼ାଇ ଦେଇଥିଲେ।



ଏଥିପାଇଁ ପ୍ରାୟ ୧୫ ବିଜେପି କର୍ମୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ମଧ୍ୟ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀ ଜଗଦେବ ବିଜେପିରେ ଯୋଗଦେବା ସହ ତାଙ୍କୁ ଦଳ ଖୋର୍ଦ୍ଧରୁ ବିଧାୟକ ଟିକଟ ପ୍ରଦାନ କରିଛି। ତେବେ ଶ୍ରୀ ଜଗଦେବ ବିଧାୟକ ପ୍ରାର୍ଥୀ ହେବା ପରେ ବିଜେଡି ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ କରିଥିବା ବେଳେ ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛି।

ସେହିପରି ମଙ୍ଗଳବାର ପ୍ରଶାନ୍ତ ଜଗଦେବ ଏକ ସାମ୍ବାଦିକ ସମ୍ମିଳନୀରେ ନୀଚ ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ଖୋର୍ଦ୍ଧା ଜିଲ୍ଲାପାଳ, ଏସ୍‌ପିଙ୍କୁ ଖୋଲା ଧମକ ଦେବା ସହ ଆସନ୍ତା ୨୪ତାରିଖ ରାତି (ତୃତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବ ରାତି) ରେ ଖୋର୍ଦ୍ଧା ପୁଲିସ ଷ୍ଟେସନ୍, ଏସ୍‌ଡିପିଓ ଅଫିସ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଯଦି ନିର୍ବଚନରେ ତାଙ୍କୁ ସହଯୋଗ କରାନଯାଏ, ତେବେ ସେ ଏଭଳି କାଣ୍ଡ ଭିଆଇବେ ବୋଲି ଚେତାବନୀ ଦେଇଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ସେ କହିଛନ୍ତି, ମୁଁ ମୋ ଗୁଣ୍ଡାର ଆଖ୍ୟା ପାଇଁ ଗର୍ବିତ ଆଉ ଏସବୁରେ ବିଫଳ ହେଲେ ମୁଁ ନିର୍ବାଚନ କରାଇଦେବି ନାହିଁ ବୋଲି କହିଛନ୍ତି। ବିଜେଡି ପକ୍ଷରୁ କୁହାଯାଇଛି ଯେ ପ୍ରଶାନ୍ତଙ୍କ ଏଭଳି ମନ୍ତବ୍ୟରୁ ଜଣାପଡୁଛି ଯେ ସେ ତାଙ୍କ ମାନସିକ ଭାରାସାମ୍ୟ ହରାଇ ବସିଛନ୍ତି। ତେଣୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ବୋଲି ବିଜେଡି ଦାବି କରିଛି।

# ପାଇଲଟ୍‌କୁ ଅନ୍ଧ କରି ଦେଉଛି ଲେଜର୍ ଲାଇଟ୍

## ସତର୍କ କରାଇଲା ଏଏଆଇ

**ଭୁବନେଶ୍ୱର, ୨୧।୫(ସମିସ):** ଲେଜର୍ ଲାଇନ୍ ବିମାନ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ବିମାନ ଯିବା ପଥରେ ଅତ୍ୟନ୍ତ ବେପରୁଆ ଭାବେ ଲେଜର୍ ଲାଇଟ ବ୍ୟବହାର ହେଉଥିବାରୁ ବଡ଼ ଅଘଟଣ ପାଇଁ ତାହା ପଥ ପ୍ରସ୍ତୁତ କରୁଛି। ଏହାକୁ ନେଇ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଚିନ୍ତା ବ୍ୟକ୍ତ କରିବା ସହ ଏହା ବିରୋଧରେ ପଦକ୍ଷେପ ନେବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଏଏଆଇ ପକ୍ଷରୁ କୁହାଯାଇଛି ଯେ ଲେଜର୍ ଲାଇଟ୍ ବହୁ ଦୂର ପର୍ଯ୍ୟନ୍ତ ଯାଇପାରେ। ବିମାନ ଉପରେ ଏହି ଲାଇଟ୍ ପଡ଼ିଲେ ପାଇଲଟ୍ କିଛି ଦେଖିପାରନ୍ତି ନାହିଁ। ପାଇଲଟ୍ ଏକପ୍ରକାର ଅନ୍ଧ ହୋଇଯାନ୍ତି। କିଛି ଲୋକ ମଜାରେ ଏହା କରିଥାଇପାରନ୍ତି। କିନ୍ତୁ ସେମାନଙ୍କ ଏତିକି ମଜା ବହୁତ ମହଙ୍ଗା ପଡ଼ିପାରେ। ବିମାନ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ଏପରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ମୋଟା ଅଙ୍କର ଜରିମାନାର ବ୍ୟବସ୍ଥା ରହିଛି। କେହି ଏପରି କରୁଥିଲେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଏଏଆଇ ଜନସାଧାରଣଙ୍କୁ ନିବେଦନ କରିଛି। ଏଥିସହ ବିମାନ ଯିବା ଆସିବା ପଥରେ ଲେଜର୍ ଲାଇଟ୍ ବ୍ୟବହାର ହେଉଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।



# ଭୁବନେଶ୍ୱର ସିଟି

## ଆଜି ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'

**ରେଣ୍ଟାଲ ଓମ୍‌ଫେଡ ଛକରୁ ପଟିଆ ଯାଏଁ ରୋଡ ଶୋ'**

**ଟ୍ରାଫିକ୍ କଟକଣା ଜାରିକଲା କମିସନରେଟ୍ ପୁଲିସ**

ଭୁବନେଶ୍ୱର, ୨୧।୫(ସମିସ): ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀରେ ଏକ ରୋଡ ଶୋ' କରିବେ। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଜାରିକରିଛି କମିସନରେଟ୍ ପୁଲିସ। ଭୁବନେଶ୍ୱରସ୍ଥିତ ରେଣ୍ଟାଲ୍ ଓମ୍‌ଫେଡ ଛକ, ପେଟ୍ରୋଲ ପମ୍ପ ଛକ, ସାଲିଆସାହି, ମୋ'ଫେୟାର, ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ, ଜାଭିୟର ଛକ, ବିଡିଏ ସାଇ ମନ୍ଦିର, ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ, ଡମଣା ମ୍ୟାକ୍ସ ଶୋ'ରୁମ ହୋଇ ପଟିଆ ଛକ ପର୍ଯ୍ୟନ୍ତ ଏହି ରୋଡ ଶୋ' ହେବ। ଏହି ରାସ୍ତା ଦେଇ କୌଣସି ଯାନବାହନ ଯିବା ଆସିବା କରିପାରିବେ ନାହିଁ। ସେହିପରି ସିଆର୍‌ପି ଛକ ଠାରୁ ରେଣ୍ଟାଲ ଓମଫେଡ ଛକ ପର୍ଯ୍ୟନ୍ତ ସାଢ଼େ ୫ଟାରୁ ରୋଡ ଶୋ ସରିବା ଯାଏଁ କୌଣସି ପ୍ରକାରର ଯାନବାହାନ ଯାଇପାରିବେ ନାହିଁ। ଅନୁରୂପ ଭାବେ ସନ୍ଧ୍ୟା ସାଢ଼େ ୬ଟାରୁ ଜୟଦେବ ବିହାର ଛକ ଠାରୁ ବିଜୁ ପଟ୍ଟନାୟକ କଲେଜ ଆଡ଼କୁ କୌଣସି ପ୍ରକାରର ଯାନବାହାନ ଯାଇପାରିବେ ନାହିଁ। ସେଭଳି ସାଢ଼େ ୬ଟାରୁ ରୋଡ ଶୋ' ସରିବା ପର୍ଯ୍ୟନ୍ତ ଜୟଦେବ ବିହାର ଛକ ଠାରୁ କିଟ୍ ଛକ ପର୍ଯ୍ୟନ୍ତ କୌଣସି ପ୍ରକାରର ଯାନବାହାନ ଏବଂ ସନ୍ଧ୍ୟା ୭ଟା ୧୫ ମିନିଟ୍ ଠାରୁ ରୋଡ ଶୋ ସରିବା ପର୍ଯ୍ୟନ୍ତ କିଟ୍ ଛକ ଠାରୁ ଜୟଦେବ ବିହାର ପର୍ଯ୍ୟନ୍ତ କୌଣସି ପ୍ରକାର ଯାନବାହାନ ଯାଇପାରିବେ ନାହିଁ। ଏଥିସହ ଜୟଦେବ ବିହାର ଛକ ଦେଇ ଜାଭିୟର ଛକ ଆଡ଼କୁ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ଜୟଦେବ ବିହାର ଛକ ଠାରୁ ଦକ୍ଷିଣ ପାର୍ଶ୍ୱ ରାସ୍ତା ଦେଇ ଜାଭିୟର ଛକ ପର୍ଯ୍ୟନ୍ତ ଆସି ସେଠାରୁ ବାମ ପାର୍ଶ୍ୱ ସମାନ୍ତରାଳ ରାସ୍ତା ଦେଇ ଯାଇପାରିବେ। ସେପରି ନନ୍ଦନକାନନ ରାସ୍ତା ଦେଇ ଜୟଦେବ ବିହାର ଛକ ଆଡ଼କୁ ଆସୁଥିବା ଆମ୍ବୁଲାନ୍ସଗୁଡ଼ିକ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଡମଣ ଛକ ପର୍ଯ୍ୟନ୍ତ ଆସି ସେହିଠାରୁ ଦକ୍ଷିଣ ପାର୍ଶ୍ୱ ସମାନ୍ତରାଳ ରାସ୍ତା ଦେଇ ଯାଇପାରିବେ। ଉକ୍ତ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାରୁ କୌଣସି ପ୍ରକାରର ଯାନବାହନଗୁଡ଼ିକୁ ରୋଡ ଶୋ' ଲାଗି ଧାର୍ଯ୍ୟ କରାଯାଇଥିବା ରାସ୍ତାକୁ ଯିବାକୁ ଦିଆଯିବ ନାହିଁ। ଉପରୋକ୍ତ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# 'ପାପା କି ପରୀ'ଙ୍କ ଉନ୍ମତ୍ତ କାଣ୍ଡ

**ନିଶାସକ୍ତ ଯୁବତୀ ରଚୁଛନ୍ତି ଅଜବ କାଣ୍ଡ**

**ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ନାକେଦମ୍**

ଭୁବନେଶ୍ୱର, ୨୧।୫(ସମିସ):

ନିଶା ଉଜାଡୁଛି ସଂସାର, ଭାଙ୍ଗୁଛି ସ୍ୱପ୍ନ। ନିଶାକୁ ସବୁବର୍ଗର ଲୋକେ ସେବନ କରୁଛନ୍ତି। ଏଥିରେ ସହରାଞ୍ଚଳରେ ରହୁଥିବା ଯୁବତୀମାନେ ବି ପଛରେ ନାହାନ୍ତି। ସିଗାରେଟ୍, ମଦ, ବ୍ରାଉନ୍‌ସୁଗର, ଗଞ୍ଜେଇ, ଇ-ସିଗାରେଟ, ଡେନ୍‌ଡ୍ରାଇଟ୍ ଭଳି ମାରାତ୍ମକ ନିଶାରେ ଯୁବତୀମାନେ ବୁଡ଼ି ରହୁଛନ୍ତି। ସମ୍ଭ୍ରାନ୍ତଶ୍ରେଣୀ ଦିନଚର୍ଯ୍ୟା ଦେଖାଇ ଏଭଳି ନିଶା ସେବନକରି ରାଜଧାନୀରେ ଉତ୍ପାତ କରୁଛନ୍ତି। ଦିନକୁ ଦିନ ରାଜଧାନୀରେ ଯୁବତୀ ଓ ମହିଳାମାନେ ନିଶାସେବନ କରିବା ଏବେ ସାମାଜିକ ବ୍ୟାଧି ଭାବେ କାୟା ବିସ୍ତାର କରି ଚାଲିଛି। ରାଜଧାନୀର ମାତାଲ୍ ଯୁବତୀମାନେ ଆଇନ୍‌ଶୃଙ୍ଖଳାକୁ ବିଗାଡୁଛନ୍ତି। ଗତ ବର୍ଷରେ ଭିତରେ ୨୫ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି। କିଏ ନିଶାରେ ପୁଲିସ ଗାଡ଼ିକୁ ମଦ ବୋତଲ ଫୋପାଡ଼ିଲାଣି ତ ଆଉ କିଏ ନିଶାରେ ହସ୍ପିଟାଲ ଓ ରାଜରାସ୍ତାରେ ଉତ୍ପାତ କଲାଣି।



ଖଣ୍ଡଗିରି ଥାନା ଅଧୀନ ଜାଗମରା ରାସ୍ତାରେ ଜଣେ ଯୁବତୀ ଉତ୍ପାତ କରୁଥିଲେ। ସମ୍ପୃକ୍ତ ଯୁବତୀଙ୍କୁ ପିସିଆର ଭ୍ୟାନ୍ ଉଠାଇ ଆଣିଥିଲା। ସେ ନିଶାସକ୍ତ ଅବସ୍ଥାରେ ଥିବା ଜାଣିବା ପରେ ତାଙ୍କୁ ଥାନାରେ ରଖାଯାଇଥିଲା। କିନ୍ତୁ ଯୁବତୀ ଜଣକ ଥାନାରେ ପାଟିତୁଣ୍ଡ କରିଥିଲେ। ଦୁଇଦିନ ତଳ ଅନୁରୂପ ଭାବେ ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ରାଜ୍ୟ ବାହାର ଯୁବତୀ ନିଶାସକ୍ତ ଅବସ୍ଥାରେ ରାସ୍ତା ମଝିରେ ବସିଥିଲେ। ରାସ୍ତାରେ ଦୀର୍ଘ ସମୟ ଧରି ଗାଡି ଅଟକିବା ପରେ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଉଠାଇ ନେଇଥିଲା। ନିକଟରେ ବଡଗଡ଼ ଥାନା କଳ୍ପନା ସିନେମା ହଲ୍ ଯାଏଁ ଜଣେ ଯୁବତୀ ମାତାଲ୍ ଅବସ୍ଥାରେ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ପ୍ରଚୁର ମଦ ପିଇ ପରେ ରାସ୍ତା ଉପରେ ବିଅର ବୋତଲ ଭାଙ୍ଗି ଆତଙ୍କ ରଚାଇଥିଲେ। ହାତରେ ବିଅର ବୋତଲ ଧରି ଯୁବତୀ ପୁଲିସ ଗାଡ଼ିକୁ ଗୋଡ଼େଇ ଥିଲା। ନିଶାରେ ପୁଲିସକୁ ନାକେଦମ୍ କରିଥିଲେ ନିଶାସକ୍ତ ମହିଳା। ସେଭଳି କିଛି ଦିନ ତଳେ ଖାରବେଳନଗର ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ଛକରେ ୨ଯୁବତୀ ଆତଙ୍କ ଖେଳାଇଥିଲେ। ସାଧାରଣଲୋକଙ୍କ ସମେତ ପୁଲିସକୁ ଗାଳିଗୁଲଜ କରି ଦବଙ୍ଗଗିରି ଦେଖାଇଥିଲେ। ସେହିପରି କ୍ୟାପିଟାଲ ହସ୍ପିଟାଲରେ ନିଶାସକ୍ତ ଅବସ୍ଥାରେ ଯୁବତୀଙ୍କ ହଙ୍ଗାମା କରିଥିଲେ। ରୋଗୀ ଓ ଡାକ୍ତରଙ୍କୁ ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିଥିଲେ।

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ପବ୍, ବାର୍ କିମ୍ବା ପାର୍ଟିରେ ସାମିଲ ହୋଇ ଯୁବତୀ ଓ ମହିଳାମାନେ ପ୍ରଚୁର ନିଶାସେବନ କରୁଥିବା ଅଭିଯୋଗ ହେଉଛି। ରାତିରେ ରାଜଧାନୀ ରାସ୍ତାରେ ନିଶାସକ୍ତ ଅବସ୍ଥାରେ ଆତଙ୍କ ଖେଳାଉଛନ୍ତି। ଏସବୁ ଘଟଣାରେ ଭୁବନେଶ୍ୱରରେ ଥିବା ଶିକ୍ଷାନୁଷ୍ଠାନରେ ରାଜ୍ୟ ବାହାରୁ ଆସି ପାଠ କିମ୍ବା ନିଯୁକ୍ତି ପାଇଥିବା ଯୁବତୀଙ୍କ ଅଧିକ ସମ୍ପୃକ୍ତି ରହିଛି। ସେମାନଙ୍କ ଓଡ଼ିଶାର ଯୁବତୀମାନେ ଅନୁସରଣ କରି ସିଗାରେଟ୍ ଓ ମଦ ଓ ବ୍ରାଉନସୁଗର ଭଳି ନିଶା ସେବନ କରୁଛନ୍ତି। ପାର୍ଟିରେ ପୁରୁଷ ବନ୍ଧୁ ସହ ନିଶାରେ ଚୂର ହୋଇ ଘରକୁ ଫେରୁଛନ୍ତି। ଆଉ ରାସ୍ତାରେ ନିଶାରେ ହିତାହତ ଜ୍ଞାନ ଭୁଲି ଗାଳିଗୁଲଜ କରି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି।

### ନିଶାରେ ସବୁ ବର୍ଗର ଲୋକ



କେବଳ ଯୁବପିଢ଼ି ନୁହନ୍ତି, ସବୁବର୍ଗର ଲୋକେ ନିଶାସେବନ କରୁଛନ୍ତି। ରାଜ୍ୟରେ ନିଶାସେବନରେ ପୁରୁଷଙ୍କ ଠାରୁ କମ୍ ନୁହନ୍ତି ମହିଳା। ତମାଖୁ ସେବନ ଓ ମଦପାନରେ ପଛରେ ପଡ଼ିନାହାନ୍ତି ମହିଳା। ରାଜ୍ୟରେ ୨୬ ପ୍ରତିଶତ ମହିଳା ତମାଖୁସେବନ କରୁଥିବା ବେଳେ ସେଥିରୁ ସହରାଞ୍ଚଳରେ ମହିଳାଙ୍କ ସଂଖ୍ୟା ୧୬.୬ ପ୍ରତିଶତ ରହିଛି ଓ ଗ୍ରାମାଞ୍ଚଳରେ ୨୮ ପ୍ରତିଶତ ମହିଳା ତମାଖୁ ସେବନ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶାରେ ୪.୩ ପ୍ରତିଶତ ମହିଳା ମଦ ପିଅନ୍ତି। ସେଥିରୁ ସହରାଞ୍ଚଳର ୧.୪ ପ୍ରତିଶତ ମହିଳା ଥିବା ବେଳେ ଗ୍ରାମାଞ୍ଚଳର ୪.୯ ପ୍ରତିଶତ ମହିଳା ମଦ ପିଅନ୍ତି।

## ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୧।୫(ସମିସ): ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ଜଣେ ଯୁବକଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ମସଜିଦ କଲୋନୀର ରମଜାନ ଅଲ୍ଲୀ। ପୁଲିସ କହିବା କଥା, ଉକ୍ତ ମହିଳାଙ୍କ ସ୍ୱାମୀ ପେସାରେ ଅଟୋ ଚାଳକ। ସେ କାମକୁ ଯାଉଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କ ଘରେ ପଶି ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ମହିଳା ଜଣକ ଚିତ୍କାର କରିବାରୁ ସ୍ଥାନୀୟଲୋକେ ଆସିବାରୁ ଅଭିଯୁକ୍ତ ପଳାଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

## ମାର୍‌ପିଟ୍ ମାମଲା; ୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୧।୫(ସମିସ): ଅଟୋ ଚାଳକଙ୍କୁ ମାର୍‌ପିଟ୍ କରିବା ମାମଲାରେ ଦୁଇ ଯୁବକଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ସେମାନେ ହେଲେ ମଞ୍ଚେଶ୍ୱରର ବଳରାମ ଦାଶ ଓ ଡୁମ୍‌ଡୁମାର ଭାଗୀରଥି ରାଉତ। ଅଟୋ ଚାଳକ ଜଣେ ରୋଗୀଙ୍କୁ ନେଇ ହସ୍ପିଟାଲ ଯାଉଥିଲେ। ଗାଡି ସାଇଟ୍‌ମରାକୁ କେନ୍ଦ୍ରକରି ଦୁଇ ଅଭିଯୁକ୍ତ ଅଟୋ ଚାଳକଙ୍କୁ ମାର୍‌ପିଟ୍ କରିଥିଲେ। ଏଥିରେ ଅଟୋ ଚାଳକ ଗୁରୁତର ଆହତ ହୋଇଥିଲେ। ସେହିପରି ଆଉ ଏକ ମାର୍‌ପିଟ୍ ମାମଲାରେ ଅଭିଯୁକ୍ତ ଦିଲ୍ଲୀପ କୁମାର ରଣା ଓ କରୁଣାକର କଅଁରକୁ ଗିରଫ କରାଯାଇଛି।

## ନାଟ୍ୟ ନିର୍ଦ୍ଦେଶକ ବିଜୟ ପଟ୍ଟନାୟକଙ୍କ ଦେହାନ୍ତ

ଭୁବନେଶ୍ୱର, ୨୧।୫(ସମିସ): ମଞ୍ଚ, ସିନେମା, ଧାରାବାହିକ ଅଭିନେତା, ପ୍ରଯୋଜକ ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ ପଟ୍ଟନାୟକଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ନାଟକ, ସିନେମା ସମେତ ଦୂରଦର୍ଶନର ଅନେକ ଲୋକପ୍ରିୟ ଧାରାବାହିକରେ ସେ ଅଭିନୟ କରି ଦର୍ଶକଙ୍କ



ହୃଦୟ ଜିତିପାରିଥିଲେ। କେବଳ ଅଭିନୟ ନୁହେଁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ କାର୍ଯ୍ୟରତ ଥିଲେ। ଅବସର ପରେ ମଧ୍ୟ ନାଟକ ସହ ଜଡ଼ିତ ରହିବା ସହ ଅନେକ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଅଭିନୟ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ରଣଭୂମି, ଛବିର ମଣିଷ, ମୁକ୍ତି ମଶାଲ, ସୁନାବୋହୂ, ପୁଷ୍କରା ଆଦି ସିନେମାରେ ସେ ଅଭିନୟ କରିଛନ୍ତି। ୨୦୨୩ରେ ତାଙ୍କ ନିର୍ଦ୍ଦେଶିତ ଶେଷ ନାଟକ ଥିଲା 'ନାହମ୍ ତିଷ୍ଠାମି ବୈକୁଣ୍ଠେ' ଓ 'ଭକ୍ତାଧୀନ ଭଗବାନ'। ତାଙ୍କ ମର ଶରୀରକୁ ରବୀନ୍ଦ୍ରମଣ୍ଡପ ପରିସରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେଠାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥଙ୍କ ସମେତ ବହୁ ନାଟ୍ୟ କଳାକାର ତାଙ୍କର ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

**ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର**

## 'ସଚ୍ଚି ରାଉତରାୟଙ୍କ ସାରସ୍ୱତ କୃତି ଅମ୍ଳାନ ହୋଇରହିବ'



ଭୁବନେଶ୍ୱର, ୨୧।୫(ସମିସ): ସଚ୍ଚି ରାଉତରାୟଙ୍କର ସାରସ୍ୱତ କୃତି ପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଯୁଗସ୍ରଷ୍ଟା ଭାବେ ଅମର ରହିବେ ବୋଲି ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ ଓ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ମତବ୍ୟକ୍ତ କରିଥିଲେ। ଲେଖକ ସମବାୟ ସମିତିର ଉପସଭାପତି ଡ. ପ୍ରେମଲତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଚ୍ଚି ରାଉତରାୟଙ୍କ କାଳଜୟୀ କବିତା 'ଛୋଟ ମୋର ଗାଆଁଟି', 'ବାଜି ରାଉତ', ଗଳ୍ପ 'ମାଟିର ତାଜ', 'ଅନ୍ଧାରୁଆ', 'ମଶାଣିର ଫୁଲ' ଓ ଉପନ୍ୟାସ 'ଚିତ୍ରଗ୍ରୀବଦ' ଉପରେ ଆଲୋଚନା ହୋଇଥିଲା। ତାଙ୍କ କବିତା ଉପରେ ବିସ୍ତୃତ ଆଲୋଚନା କରି ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ କବି ଭାବେ ଆଲୋଚକମାନେ ମତ ଦେଇଥିଲେ। ଏହି ସଭାରେ ସାହିତ୍ୟିକ ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରଭାତ କୁମାର ନନ୍ଦ, ଡ. ଆରତି କର, ମିନତୀ ଷଡ଼ଙ୍ଗୀ, ବିରଜା ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟ ଶ୍ରୀ ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

**ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଣ ମାମଲା**

## ଦୁଇଜଣଙ୍କୁ ଦୁଇବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, ୨୧।୫(ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଣ ମାମଲାର ବିଚାରକରି ମନୋଜ କୁମାର ସାହୁ ଓ ଗୋବର୍ଦ୍ଧନ ପାତ୍ରଙ୍କୁ ୨ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ର ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି। ଜରିମାନା ଅନାଦେୟ ବାବଦରେ ଆହୁରି ୧୦ ଦିନ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।





ସୂଚନାଯୋଗ୍ୟ ଯେ, ୨୦୨୨ ଡିସେମ୍ବର ମାସରେ ପୃଥ୍ୱୀରାଜ ସାହୁଙ୍କ ପତ୍ନୀ ଯାଜପୁର ଜିଲ୍ଲା ଅଧୀନ ଜାରକା ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଣ ପାଇ ଯାଇଥିଲେ। ସେଠାରେ ଟଙ୍କା ଉଠାଇବା ସମୟରେ ସମ୍ପୃକ୍ତ ଦୁଇ ଜଣ ବ୍ୟକ୍ତି ପଛରେ ଛିଡ଼ା ହୋଇଥିବା ସମୟରେ ଦୃଷ୍ଟି ଆଢୁଆଳରେ ତାଙ୍କର ଏଟିଏମ୍ କାର୍ଡଟିକୁ ବଦଳାଇ ଦେଇଥିଲେ। ତାଙ୍କ ଆକାଉଣ୍ଟରୁ ଗଞ୍ଜାମ ଜିଲ୍ଲା ଅଧୀନ ସେରଗଡ଼ରୁ ପର୍ଯ୍ୟାୟକ୍ରମରେ ୧୧ ଲକ୍ଷ ୨୪ହଜାର ୮୫୩ ଟଙ୍କା ଉଠାଇ ନେଇଥିଲେ। ଅନୁରୂପ ଭାବେ ବୁଦ୍ଧେଶ୍ୱର କଲୋନୀରେ ରହୁଥିବା ପ୍ରସନ୍ନ କୁମାର ସାହୁଙ୍କ ଏଟିଏମ୍‌କୁ ବଦଳାଇ ୨ଲକ୍ଷ ୨୪ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ମନୋଜ ଓ ଗୋବର୍ଦ୍ଧନଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ଏହି ମାମଲାର ବିଚାରକରି ଅଦାଲତ ବିଭିନ୍ନ ସାକ୍ଷୀ ଓ ଅନ୍ୟ ପ୍ରମାଣ ଆଧାର କରି ଦୁଇଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ପରିଚାଳନା କରିଥିଲେ।

## ୧୧.୪୩ରେ ଛାଇ ଉଭାନ

ଭୁବନେଶ୍ୱର, ୨୧।୫(ସମିସ): ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ବିନା ଛାଇର ଦିନ ପାଳିତ ହୋଇଛି। ପୂର୍ବାହ୍ନ ୧୧ଟା ୪୩ ମିନିଟ୍ ସମୟରେ ଏହି ବିରଳ ଜାଗତିକ ଘଟଣା ଘଟିଥିଲା। ପ୍ଲାନେଟୋରିୟମ୍ ପରିସରରେ ସ୍ତମ୍ଭ ଆକାରରେ ରଖାଯାଇଥିବା କିଛି ରଡ୍‌ର ଛାଇ ତଳେ ପଡ଼ିନଥିଲା। ଏହାକୁ ସେଠାରେ ଉପସ୍ଥିତ ଥିବା ଶହଶହ ଛାତ୍ରଛାତ୍ରୀ, ଅଭିଭାବକ ଦେଖିବାର ସୁଯୋଗ ପାଇଥିଲେ। ସୂର୍ଯ୍ୟ ଓ ସେହି ସ୍ଥାନର ଅବସ୍ଥିତି ଯୋଗୁଁ ଏପରି ହୋଇଥିଲା। ଯେତେବେଳେ ସୂର୍ଯ୍ୟ କୌଣସି ସ୍ଥାନର ଅବସ୍ଥିତି ଅର୍ଥାତ ଅକ୍ଷାଂଶ ଓ ଦ୍ରାଘିମାରେ ଅବସ୍ଥାନ କରନ୍ତି, ସେତେବେଳେ ସେହି ସ୍ଥାନରେ ଛାଇ ଦୃଶ୍ୟମାନ ହୁଏ ନାହିଁ। ଏହାକୁ ଶୂନ୍ୟ ଛାୟା ଅବସ୍ଥା ବୋଲି କୁହାଯାଏ। ଏହି ଦିନକୁ ଶୂନ୍ୟ ଛାୟା ଦିବସ କୁହାଯାଏ।



# ନିର୍ବାଚନ ପାଇଁ ଆକ୍ସନ୍ ମୋଡ୍‌ରେ କମିସନରେଟ୍ ପୁଲିସ

**ନିର୍ବାଚନ ସରିବା ପର୍ଯ୍ୟନ୍ତ ଭୋଜି, ଖଟି, କ୍ଲବ୍ ବନ୍ଦ**

**ଭ୍ୟାନ୍ ଧରି ରାତି ଅଧିଆ ବୁଲିବେ ଇନ୍ସପେକ୍ଟର, ଏସିପି**

ଭୁବନେଶ୍ୱର, ୨୧।୫(ସମିସ):

ଆସନ୍ତା ୨୫ରେ ରାଜଧାନୀରେ ଭୋଟ। ଏ ନେଇ ସୁରକ୍ଷା ବଳୟରେ ପୂରା ଭୁବନେଶ୍ୱର। ରାଜଧାନୀରେ ଯେଭଳି ହିଂସାକାଣ୍ଡ ନଘଟିବ ସେଥିଲାଗି କମିସନରେଟ୍ ପୁଲିସ ପୂରା ଆକ୍ସନ୍‌ମୁଡ୍‌ରେ ଅଛି। ଏନେଇ ସିପି, ଡିସିପି ସୁରକ୍ଷା ବ୍ୟବସ୍ଥା ରିଭ୍ୟୁ କରିଛନ୍ତି। ସମ୍ବେଦନଶୀଳନ ବୁଥରେ କଡ଼ା ସୁରକ୍ଷା କରିବା ସହ ସେଠାରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହି ସିସିଟିଭି ନିରୀକ୍ଷଣ କରିବା ପାଇଁ ଡିସିପି ଅଫିସରେ ଏକ ସେଲ୍ କରାଯିବ। ଏହି ସେଲ୍‌ରେ ୩ଜଣ ଅତିରିକ୍ତ ଡିସିପି ଏହାକୁ ନିରୀକ୍ଷଣ କରିବ। ଯଦି କୌଣସି ବୁଥ୍‌ରେ ରିଗିଂ କିମ୍ବା ଗଣ୍ଡଗୋଳ ଭଳି ଘଟଣା ସାମ୍ନାକୁ ଆସେ, ତୁରନ୍ତ ସେଠାକୁ ଅଧିକ ଫୋର୍ସ ପଠାଯିବ ବୋଲି ସୂଚନା ମିଳିଛି।

ପୁଲିସର ଟାର୍ଗେଟରେ ଏବେ ହାର୍ଡକୋର ଅପରାଧୀ। ଯେଉଁମାନେ ଏକାଧିକ ମାମଲାରେ ଜାମିନ୍ ପାଇ ବାହାରେ ଅଛନ୍ତି। ତେଣୁ ସେମାନଙ୍କ ପାଇଁ ପୁଲିସର ଟେନ୍‌ସନ ବଢ଼ିଛି। ଭୋଟ ପାଇଁ ନିର୍ବାଚନ ପୂର୍ବ ରାତି ଏବଂ ନିର୍ବାଚନ ଦିନ ଲୋକଙ୍କୁ ଧମକାଇ ପାରନ୍ତି। ତେଣୁ ସେମାନଙ୍କ ଉପରେ ପୁଲିସର କଡ଼ା ନଜର ରହିଛି। ପ୍ରତି ଥାନା ଅଞ୍ଚଳରେ ଜାମିନ୍‌ରେ ଥିବା ହାର୍ଡକୋର ଅପରାଧୀଙ୍କ ତାଲିକା କରାଯାଇଛି। ଏହି ତାଲିକା ଆଧାରରେ ଥାନା ଅଧିକାରୀ ସେମାନଙ୍କୁ ଥାନାକୁ ଡାକି ତାଗିଦ କରିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଡିସିପିଙ୍କ ନିର୍ଦ୍ଦେଶ ଆଧାରରେ ସବୁ ଥାନା ଅଧିକାରୀ ନିଜ ଅଞ୍ଚଳରେ ଜାମିନ୍‌ରେ ବୁଲୁଥିବା ହାର୍ଡକୋର ଅପରାଧୀଙ୍କ ତାଲିକା କରିଛନ୍ତି। ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କିଛି ବି ଗଣ୍ଡଗୋଳ କଲେ, ସିଧା ବାନ୍ଧିବାକୁ କୁହାଯାଇଛି। ଅନେକ ହାର୍ଡକୋର ଅପରାଧୀ ମଧ୍ୟ ଥାନା ଆଗରେ ସେଭଳି କିଛି ନକରିବା ପାଇଁ ଏକ ଲିଖିତ ଆକାରରେ ଦେଇ ଯାଉଛନ୍ତି।

ବିଭିନ୍ନ କ୍ଲବ୍ ଏବଂ ଖଟିରେ ଭୋଜି କଲେ ପୁଲିସ ହାଣ୍ଡି ଉଠାଇ ଆଣିବ। ପୁଲିସ ଉଠାଇ ଆଣିବା ସହ ଭୋଜି ଆୟୋଜନ କରିଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ। କ୍ଲବ୍‌ରେ ପୂର୍ବରୁ ଖଟି ଭୋଜି କରାଯାଉଥିଲା। ହେଲେ ଏବେ କ୍ଲବ୍‌କୁ ବନ୍ଦ କରାଯିବା ସହ ଖଟିକୁ ନା କରାଯାଇଛି। ଅନେକ ଅନ୍ଧାରୁଆ ସ୍ଥାନରେ ଗଞ୍ଜେଇ ମଦ ପିଉଥିଲେ ଅସାମାଜିକ। ଏଭଳି କଲେ ପୁଲିସ ଚଢାଉ କରି ନିଶା ସାମଗ୍ରୀ ଜବତ କରାଯିବା ସହ ଖଟି କରୁଥିବା ଯୁବକଙ୍କୁ ବାନ୍ଧିବ ପୁଲିସ। ଆହୁରି ମଧ୍ୟ ବାର୍ ଏବଂ ନାଇଟ୍ କ୍ଲବ୍‌କୁ କଡା ତାଗିଦ କରାଯାଇଛି। ଗାଇଡ୍ ଲାଇନ୍ ଅନୁସାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି। ସେହିପରି ନିଜ ନିଜ ଥାନା ଅଞ୍ଚଳରେ ଯେପରି କିଛି ଅଘଟଣ ଏବଂ ବେଆଇନ୍ କାରବାର ନହେଲେ ସେଥିପ୍ରତି ପୁଲିସ ସଜାଗ ରହିଛି। ଏପରିକି ଥାନା ଅଧିକାରୀ ଏବଂ ଏସିପି ରାତି ଅଧିଆ ପାଟ୍ରୋଲିଂ କରିବାକୁ କୁହାଯାଇଛି।

**୫୨୫ଟି ବୁଥରେ ୱେବ୍ କାଷ୍ଟିଂ କରାଯିବ**

ରାଜଧାନୀରେ କମିସନରେଟ୍ ପୁଲିସ ଅଞ୍ଚଳରେ ମୋଟ ୧୧ ଶହ ୩୨ଟି ବୁଥରେ କଡ଼ା ସୁରକ୍ଷା ଭିତରେ ଭୋଟ ଗ୍ରହଣ କରାଯିବ। ଏହା ମଧ୍ୟରେ ୪୨୧ଟି ସଖୀ ବୁଥ ଥିବା ବେଳେ ୧୪୫ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ୫୨୫ଟି ବୁଥରେ ୱେବ୍ କାଷ୍ଟିଂ କରାଯିବ। ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ୧୫ଟି ଫ୍ଲାଇନ୍ ସ୍କ୍ୱାଡ୍ ଓ ୧୫ଟି ଷ୍ଟ୍ରାଟେଜିକ ସର୍ଭେଲାନ୍ସ ଟିମ ପଇଁତରା ମାରୁଛନ୍ତି ଓ ନିର୍ବାଚନ ସମୟରେ ସମ୍ବେଦନଶୀଳ ବୁଥିଗୁଡ଼ିକରେ ସିଆର୍‌ପିଏଫ ଯବାନ ମୁତୟନ ହେବେ ୨୩ ତାରିଖ ସନ୍ଧ୍ୟା ୫ଟାରେ ପ୍ରଚାର ଶେଷ ହେବା ପରେ, ଚେକିଂକୁ ଆହୁରି ବଢ଼ାଇ ଦିଆଯିବ ବୋଲି ସିପି ସଞ୍ଜୀବ ପଣ୍ଡା କହିଛନ୍ତି।

## ୧୨୨ ପୁଲିସଙ୍କୁ ପରିଚାଳନା ତାଲିମ

ଭୁବନେଶ୍ୱର, ୨୧।୫(ସମିସ): ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ସହରାଞ୍ଚଳରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରିଚାଳନାରେ ମୁତୟନ ହେବାକୁ ଥିବା ପୁଲିସ କର୍ମଚାରୀଙ୍କୁ ତାଲିମ୍ ଦିଆଯାଉଛି। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୧୨୨ଜଣ ପୁଲିସ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି।



ଭୁବନେଶ୍ୱର ରିଜର୍ଭ ପରିସରରେ ଏହି ତାଲିମ୍ କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। ନିର୍ବାଚନ ସମୟରେ ବିଭିନ୍ନ ବୁଥଗୁଡ଼ିକରେ ନିୟୋଜିତ ହେବାକୁ ଥିବା ପୁଲିସ କର୍ମଚାରୀମାନେ କିପରି ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରିବେ, ସେଦିଗରେ ସମସ୍ତ କର୍ମଚାରୀଙ୍କୁ ତାଲିମ୍ ଦିଆଯାଇଛି। ଏଥିସହ ସମ୍ପୃକ୍ତି ପୁଲିସ କର୍ମଚାରୀମାନେ କ'ଣ ସବୁ କରିବା ଉଚିତ୍, କ'ଣ ନ କରିବା ଉଚିତ ତଥା ସମ୍ଭାବ୍ୟ ବୁଥଗୁଡିକରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୁଲିସ କର୍ମଚାରୀଙ୍କ ଦାୟିତ୍ୱ ସମ୍ବନ୍ଧରେ ଟିକିନିକି ଭାବେ ତାଲିମ ଦିଆଯାଇଥିଲା। ବିଶେଷକରି ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନେଇ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ଏହାକୁ ଏସିପି ଅମିତାଭ ମହାପାତ୍ର ଓ ଏସିପି କେ. ପି ମିଶ୍ରଙ୍କ ନେତୃତ୍ୱରେ ତାଲିମ ଚାଲୁଥିଲା। ତେବେ ପର୍ଯ୍ୟାୟକ୍ରମେ ଏହି ତାଲିମ୍ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରିରହିବ।





# ତ୍ୱରାନ୍ୱିତ ହେବ ଦୟାନଦୀ ବନ୍ଧ ଉଭୟ ପାର୍ଶ୍ୱ କାମ



ଭୁବନେଶ୍ୱର, ୨୧।୫(ସମିସ): ଧଉଳି ଶାନ୍ତିସ୍ତୂପ ଠାରୁ ମଟର ସାଇକଲ ରାଲିରେ ନିର୍ବାଚନୀ ପ୍ରଚାର ଆରମ୍ଭ କରି ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ଦୟାନଦୀ ଗର୍ଭରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ବା ଇନଷ୍ଟ୍ରିମ ଷ୍ଟୋରେଜ ସ୍ଟ୍ରକଚର ଖୁବ୍‌ଶୀଘ୍ର ନିର୍ମାଣ ହେବାକୁ ଯାଉଛି। ଏହାଦ୍ୱାରା ଏକାମ୍ର ଅଞ୍ଚଳରେ ଭୂଗର୍ଭ ଜଳସ୍ତର ବୃଦ୍ଧି ପାଇବା ସହ ଚାଷ ବାସ ଏବଂ ଏକାମ୍ର ଅଞ୍ଚଳକୁ ଦୟା ନଦୀରୁ ପାନୀୟ ଜଳସ୍ତର ବୃଦ୍ଧି ପାଇବା ପାଇଁ ସହାୟକ ହେବ। ଏହା ସହ ଦୟା ନଦୀର ଉଭୟ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ୬ ଗୋଟି ପଞ୍ଚାୟତକୁ ପାଇପ ଦ୍ୱାରା ଦୟା ନଦୀ ତଟରେ ଏକ ବୃହତ ପାନୀୟଜଳ ବିଶୋଧନାଗାର ପ୍ରକଳ୍ପ (ଗଡ଼ଞ୍ଚଟ) ନିର୍ମାଣ ହେବାକୁ ଯାଉଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ପରେ ଶିଶୁପାଳଗଡ଼ ଗ୍ରାମପଞ୍ଚାୟତର ବଡ଼ଟାଙ୍ଗୀ ଠାରୁ ପ୍ରଚାର ଆରମ୍ଭ କରି ମହାବୀର ନଗର, ଗଡ଼ମହାବୀର ପ୍ରଭୃତି ଅଞ୍ଚଳବାସୀଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ। ଶେଷରେ ୱାର୍ଡ ନମ୍ବର ୫୮ରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରୀ କର୍ପୋରେସନର ଉପାଧ୍ୟକ୍ଷ ଡଃ ସନ୍ତୋଷ ବେଜ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ଚନ୍ଦନ ମଲ୍ଲିକ, ରଶ୍ମୀ ରଞ୍ଜନ ଶ୍ରୀଚନ୍ଦନ, ସମିତି ସଭ୍ୟ ସରସ୍ୱତୀ ସେଠୀ, ବିନୋଦ ରାଉତ, ଭୁବନେଶ୍ୱର ବିଜୁ ଯୁବ ଜନତା ଦଳ ଜୋନ୍ ସଭାପତି ଭଗବାନ ସାହୁ, ଭୁବନେଶ୍ୱର ବ୍ଲକ ବିଧାୟକ ପ୍ରତିନିଧି ହରେକୃଷ୍ଣ ସାହୁ, ଦିଲ୍ଲୀପ ଜେନା, ସୁଧା ରଞ୍ଜନ ସୁବୁଦ୍ଧି, ଅମିତ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ, ଶର୍ମିଷ୍ଠା ଜେନା, ସୁପ୍ରଭା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନାହାନ୍ତି ଲ' ଅଧିକାରୀ

# ଦୁର୍ବଳ ହେଉଛି ବିଏମ୍‌ସି ପକ୍ଷ

ଭୁବନେଶ୍ୱର, ୨୧।୫(ସମିସ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର କାର୍ଯ୍ୟ ପରିସର କେବଳ ସହରରୁ ଅଳିଆ ଉଠାଇବା କିମ୍ବା ଆବର୍ଜନା ସଫା କରିବାରେ ଆଉ ସୀମିତ ନାହିଁ। ବିଏମ୍‌ସି ପକ୍ଷରୁ ଲାଇବ୍ରେରୀ, ଚାରାରୋପଣ, ପ୍ଲାଷ୍ଟିକ ପରିଚାଳନା, ସଚେତନତା କାର୍ଯ୍ୟକ୍ରମ ସମେତ ଅନେକଗୁଡ଼ିଏ ସେବା ପ୍ରଦାନ କରାଯାଉଛି। ଏହା ସହ ବିଏମ୍‌ସିର ବିଭିନ୍ନ ନିୟମ ଲାଗୁ କରିବା, ଟିକସ ଆଦାୟ, ବର୍ଜ୍ୟ ପରିଚାଳନା, ଜବର୍‌ଦଖଲ ଉଚ୍ଛେଦ ପାଇଁ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଗଲାଣି। ଏଥିପାଇଁ ବିଏମ୍‌ସିକୁ ଏହାର ଅଧିକାରୀଙ୍କ ସମେତ ବାହାର ଲୋକ ବି ମିନି ସେକ୍ରେଟାରିଏଟ୍ ବୋଲି ସମ୍ବୋଧନ କରୁଛନ୍ତି। ବିଏମ୍‌ସିର କାର୍ଯ୍ୟ ପରିସର ବଢ଼ିବା ସହିତ ବିଏମ୍‌ସି ବିରୋଧରେ ମାମଲା ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକିଛି ବର୍ଷ ମଧ୍ୟରେ ବିଏମ୍‌ସି ବିରୋଧରେ ଅନେକଗୁଡ଼ିଏ ମାମଲା ହୋଇଛି। ଚଳିତବର୍ଷ ପ୍ରାୟ ୩୫୦ରୁ ଅଧିକ ମାମଲା ବିଏମ୍‌ସି ବିରୋଧରେ ହାଇକୋର୍ଟରୁ ଆରମ୍ଭ କରି ବିଭିନ୍ନ କୋର୍ଟରେ କରାଯାଇଛି। ସେହିପରି ୩ରୁ ୪ ବର୍ଷ ମଧ୍ୟରେ ପ୍ରାୟ ୧ ହଜାର ମାମଲା ପଡ଼ିରହିଛି। ଏତେ ସଂଖ୍ୟକ ମାମଲାକୁ ଲ' ଅଫିସରଙ୍କ ବିନା କିଭଳି ପରିଚାଳନା କରାଯାଉଛି ତାହାକୁ ନେଇ ଆଇନଜୀବୀ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ କରାଯାଉଛି।

ବିଏମ୍‌ସିରେ ଜଣେ ଲ' ଅଫିସରଙ୍କ ସମେତ ଆଉ ଦୁଇ ଜଣ ଅତିରିକ୍ତ ଲ' ଅଫିସର ରହିବା କଥା। ଜଣେ ଅତିରିକ୍ତ ଲ' ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୮ ମସିହାରେ ବିଏମ୍‌ସିରୁ ତାଙ୍କର ବଦଳି ହେଲା। ଏହା ପରଠାରୁ ବିଏମ୍‌ସିରେ କୌଣସି ଲ' ଅଫିସରଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏବେ ଜଣେ ସିନିଅର୍ ଆସିଷ୍ଟାଣ୍ଟ ଏବଂ ଜଣେ ସିଏଲ୍‌ଆରଙ୍କୁ ନେଇ ଆଇନଗତ କାମ ଚାଲିଛି। ସାଧାରଣତଃ, ଲ' ଅଫିସର୍ ଜଣଙ୍କ ବୃତ୍ତିଗତ ଭାବେ ସେମାନଙ୍କ ସଂସ୍ଥାରେ ଥିବା ସମସ୍ତ ଆଇନଗତ କାର୍ଯ୍ୟର ତଦାରଖ କରିଥାନ୍ତି। ଆଭ୍ୟନ୍ତରୀଣ ଏବଂ ବାହ୍ୟ ଆଇନଗତ ସମସ୍ୟା ପାଇଁ ସେମାନେ ଦାୟୀ ରହନ୍ତି। ସଂସ୍ଥାକୁ ଆଇନଗତ ସମସ୍ୟାରୁ ଦୂରେଇ ରଖିଥାନ୍ତି।

ତେବେ ଲ' ଅଫିସର ନ ଥିବାରୁ ବିଏମ୍‌ସି ବିରୋଧରେ ହେଉଥିବା ମାମଲାଗୁଡ଼ିକୁ ଠିକ୍ ଭାବେ ଟ୍ରାକ୍ କରାଯାଇ ପାରୁନାହିଁ। କେତେବେଳେ କାହାକୁ ହାଇକୋର୍ଟରେ ହାଜର ହେବାକୁ ପଡ଼ିବ, କିଭଳି ମାମଲା ପରିଚାଳନା କରାଯିବ, କେଉଁ ଆଇନଜୀବୀଙ୍କୁ ନିଯୁକ୍ତି ଦେଲେ ବିଏମ୍‌ସି ବିଭିନ୍ନ କୋର୍ଟ ନିଜ ପକ୍ଷ ଠିକ୍ ଭାବେ ରଖି ମାମଲା ଜିତିପାରିବ, ଲ' ଅଫିସରଙ୍କ ଅଭାବ ଯୋଗୁଁ ସେ ସବୁ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁନାହିଁ। ଆଇନଗତ ଦକ୍ଷତା ନ ଥିବା ଜଣେ କର୍ମଚାରୀଙ୍କୁ ଏହି ବିଭାଗର ମୁଖ୍ୟ ଦାୟିତ୍ୱ ଦିଆଯାଇଥିବାରୁ ବିଏମ୍‌ସି କୋର୍ଟରେ ମାମଲାଗୁଡ଼ିକରେ ବିଏମ୍‌ସିର ପକ୍ଷ ଦୁର୍ବଳ ହୋଇଯାଉଛି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଅଧିକାରୀମାନେ ତତ୍‌କ୍ଷଣାତ ଆଇନଗତ ପରାମର୍ଶ ନେଇ ପାରୁନାହାନ୍ତି। ଫାଇଲ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଯିବାକୁ ଅସୁବିଧା ହେଉଛି। କାମରେ ଅହେତୁକ ବିଳମ୍ବ ହେଉଛି। ସେହିପରି ବିଏମ୍‌ସିର ବିଭିନ୍ନ ଅଧିକାରୀମାନେ ଠିକ୍ ସମୟରେ କୋର୍ଟରେ ହାଜର ନ ହେବାରୁ ଅଦାଲତ ଅବମାନନା ନୋଟିସ ଆସୁଛି। କିଛିଦିନ ତଳେ ବିଏମ୍‌ସି କମିସନରଙ୍କ ନାଁରେ ଅଦାଲତ ଅବମାନନା ମାମଲା ବଢ଼ିବାରେ ଲାଗିଛି ବୋଲି ଚର୍ଚ୍ଚା ହୋଇଥିଲା। କେତେବେଳେ କର୍ମଚାରୀଙ୍କ ତ୍ରୁଟି, ଆଉ କେତେବେଳେ ଉପଯୁକ୍ତ ତଥ୍ୟ ପ୍ରମାଣ ଉପସ୍ଥାପନ ଅଭାବ ହେଉଥିବାରୁ କମିସନର ଅଡୁଆରେ ପଡୁଛନ୍ତି। ପୂର୍ବରୁ ଦୁଇଜଣ କମିସନର ଦୁଇଟି ପୃଥକ୍ ପୃଥକ୍ ମାମଲାରେ ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହୋଇ କ୍ଷମା ପ୍ରାର୍ଥନା କରିବା ରେକର୍ଡ ରହିଥିବା ବେଳେ ଗତ ମାସରେ କମିସନରଙ୍କ ବିରୋଧରେ ୯ଟି ଅଦାଲତ ଅବମାନନାର ଶୁଣାଣି ହୋଇଛି।

# 'ପ୍ରଜ୍ଞା ପ୍ରତିଭା ସମ୍ମାନ' ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୧।୫(ସମିସ): ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ 'ପ୍ରଜ୍ଞା ପ୍ରତିଭା ସମ୍ମାନ୨୦୨୪' ଓ ନୃତ୍ୟ ମହୋତ୍ସବର ତ୍ରୟୋଦଶ ସଂସ୍କରଣ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଚପଳା ମିଶ୍ର, ଭରତ ଚରଣ ଗିରି, ସ୍ୱର୍ଣ୍ଣପ୍ରଜ୍ଞା ସାହୁ ପ୍ରମୁଖ ବିଶିଷ୍ଟ ଗୁରୁମାନେ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିବା ସହ ପ୍ରଜ୍ଞା ନୃତ୍ୟାୟନ ଅନ୍ତର୍ଜାତୀୟସ୍ତରର ତରୁଣ ଯୁବ ନୃତ୍ୟ ଶିଳ୍ପୀ ମାନଙ୍କ ସ୍ୱପ୍ନକୁ ସାକାର କରୁଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୩ଟି ଅଧିବେଶନରେ ୮୦ରୁ ଊର୍ଦ୍ଧ୍ୱ ବିଭିନ୍ନ ରାଜ୍ୟରୁ ଆସିଥିବା ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୟାଧର ସାହୁ ପରିଚାଳନା କରିଥିଲେ।

# 'ଉଦୟରାଗ'ରେ ଓଡ଼ିଶୀ ଏକକ ଅଭିନୟ

ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ କେଳୁ ଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ଉଦୟରାଗ-୨୦୨୪' ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପ୍ରସ୍ତୁତିରେ ଏକକ ଓଡ଼ିଶୀ ନୃତ୍ୟରେ ଜଗନ୍ନାଥ ସହସ୍ରନାମ ପରିବେଷଣ କରିଥିଲେ ଶିଳ୍ପୀ ଶ୍ରୀପୁଣ୍ୟ ମହାନ୍ତି। ଏହାର ନୃତ୍ୟ ସଂରଚନା କରିଥିଲେ ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତି। ସଙ୍ଗୀତ ସଂଯୋଜନା କରିଥିଲେ ଅଗ୍ନିମିତ୍ର ବେହେରା ଏବଂ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ତାଙ୍କର ଶେଷ ପ୍ରସ୍ତୁତି ଥିଲା ବଂଶୀ ସ୍ୱନ। ଯାହାରା ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ତାଳ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ବାରିକ। ପରେପରେ ରୁଦ୍ରାକ୍ଷ ଫାଉଣ୍ଡେସନର ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଶିଷ୍ୟ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ଏକକ ନୃତ୍ୟ ଜୟଦେବଙ୍କ ଗୀତଗୋବିନ୍ଦରୁ ଉଦ୍ଧୃତ ରାଧା-କୃଷ୍ଣଙ୍କ ପ୍ରକୃତ ପ୍ରେମ 'ପ୍ରିୟେ ଚାରୁଶୀଳେ'। ଯାହାର ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ସେହିପରି ପରବର୍ତ୍ତୀ ଉପସ୍ଥାପନାରେ କବି ସସ୍ମିତା ପଣ୍ଡା ପରିବେଷଣ କରିଥିଲେ ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ବାସି ମୋ ହୋଇଲା ଫୁଲ ଶେଯ'। ଏହାପରେ ସୃଜନ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଅଧ୍ୟାପିକା ରାଜଶ୍ରୀ ପ୍ରହରାଜଙ୍କ ସୀତା ହରଣ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଶିକ୍ଷକ ତଥା ନୃତ୍ୟଶିଳ୍ପୀ ବିଜନ୍ କୁମାର ପଲାଇଙ୍କ ରାମାୟଣରୁ ଉଦ୍ଧୃତ ସୁନ୍ଦରାକାଣ୍ଡ, ଗୁରୁ ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା ସୁପର୍ଣ୍ଣେଖା, ରାହୁଲ ଆଚାର୍ଯ୍ୟଙ୍କ ଦ୍ୱାରା ଭଗବାନ ଶିବଙ୍କ ପ୍ରାର୍ଥନା ଶିବାଷ୍ଟକ ପରିବେଷିତ ହୋଇଥିଲା। ଯାହା ରାଗ ଭୈରବୀ ଓ ତାଳ ଏକତାଳି ଉପରେ ନିବଦ୍ଧ ଥିଲା। ସନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଗୁରୁ ମାଧବୀ ମୁଦଗଲ, ଶର୍ମିଳା ବିଶ୍ୱାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରମୋଦ କୁମାର ରାଉତ ଓ ସଞ୍ଚାଳନ କରିଥିଲେ ଅନନ୍ୟା ପରିଡ଼ା।

# ପ୍ରଫେସର୍ କରୁଣାସାଗର ବେହେରାଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୨୧।୫(ସମିସ): ଐତିହାସିକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କରୁଣା ସାଗର ବେହେରାଙ୍କର ଷୋଡ଼ଶ ଶ୍ରାଦ୍ଧୋତ୍ସବ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇ.ଏ.ଏସ୍. ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ସୁବାସ ଚନ୍ଦ୍ର ବାରିକ, ଡ. ଶକୁନ୍ତଳା ବଳିଆରସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କର ଇଂରାଜୀ ଭାଷାରେ ଲିଖିତ 'କୋଣାର୍କ' ପୁସ୍ତକ କେବଳ ଇତିହାସ ଦୃଷ୍ଟିରୁ ନୁହେଁ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଏକ ଅନନ୍ୟ ଅବଦାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟତ୍ରୀ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦନ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୧।୫(ସମିସ): ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ, ୬ ଥର ସୁପ୍ରିମକୋର୍ଟ ବାର ଆସୋସିଏସନର ସଭାପତି ତଥା ଆଇଏସ୍‌ଆଇଏଲ୍‌ର ସଭାପତି ପ୍ରବୀଣ ଏଚ୍ ପରେଖଙ୍କୁ ଓଡ଼ିଶା ଆଇନଜୀବୀ ପରିଷଦ, କଟକ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ୨୦ ତାରିଖରୁ ତାଙ୍କର ୩ଦିନିଆ ଓଡ଼ିଶା ଗସ୍ତ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଆଇନଜୀବୀ ପରିଷଦର ସଦସ୍ୟ ଜ୍ଞାନ ରଞ୍ଜନ ମହାନ୍ତି, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଆଇନଜୀବୀ ପରିଷଦର ସଦସ୍ୟ ଦେବୀ ପ୍ରସାଦ ଧଳ, ସଦସ୍ୟ ଧନଞ୍ଜୟ ମୁଣ୍ଡ, ଦୀନେଶ ଚନ୍ଦ୍ର ରାୟ, ସଞ୍ଜିତ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ଅରୂପାନନ୍ଦ ଦାସ, ଲକ୍ଷ୍ମୀ ନାରାୟଣ ପଟେଲ, ତପନ କୁମାର ବିଶ୍ୱାଳ, ମାନସ ଚାନ୍ଦଙ୍କ ସହ ଆଇନଜୀବୀ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୁରୁ ବିଜୟ କୁମାର ଦାଶଙ୍କୁ 'ଓଡିଏ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର, ୨୧।୫(ସମିସ): ଗୁରୁ ଡ. ଅରୁଣା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୭ତମ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟମ୍ବଦା' ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଓ ପଲ୍ଲୀନୃତ୍ୟ ସହିତ ଓଡ଼ିଶୀ ନୃତ୍ୟନାଟିକା ମଧ୍ୟ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟାଙ୍ଗନା ପ୍ରଭାତି କର, ଅନୁଷ୍ଠାନର ସଚିବ ଗୁରୁ ଡ. ଅରୁଣା ମହାନ୍ତି, ଯୁଗ୍ମ ସଚିବ ମଧୁସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶୀ ନୃତ୍ୟ କ୍ଷେତ୍ରରେ ଗୁରୁ ବିଜୟ କୁମାର ଦାଶଙ୍କୁ 'ଓଡିଏ ଉତ୍କର୍ଷ ସମ୍ମାନ-୨୦୨୪', ମଧୁସ୍ମିତା ନାଏକଙ୍କୁ 'ଆରାଧନା ପାଢ଼ୀ ସ୍ମୃତି ସମ୍ମାନ', ଚିନ୍ମୟବେହେରାଙ୍କୁ 'ଓଡିଏ ନବରଙ୍ଗ ସମ୍ମାନ' ପ୍ରଦାନ କରଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାକୁ ପ୍ରମୋଦ କୁମାର ରାଉତ ପରିଚାଳନା କରିଥିବା ବେଳେ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# 'ଓଡ଼ିଶା ପ୍ରକାଶକ ସଂଘ' ଗଠିତ

ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଶାର ପ୍ରମୁଖ ପ୍ରକାଶକମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସଂଗଠନ 'ଓଡ଼ିଶା ପ୍ରକାଶକ ସଂଘ' ଗଠିତ ହୋଇଛି। ଏହି ସଂଘରେ ଅପୂର୍ବା ପ୍ରକାଶନୀର ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପତି, ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ, ଟାଇମ୍‌ପାସ୍ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ, ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ଜ୍ଞାନଯୁଗ ପବ୍ଲିକେଶନ୍‌ର ନିର୍ଦ୍ଦେଶକ ତୁଷାର ବରଣ ସାହୁ, ମୟୂର ପବ୍ଲିକେଶନ୍ସର ମୁଖ୍ୟ ରାଧାକାନ୍ତ ଘଡ଼େଇ ଓ ସୃଜନର ମୁଖ୍ୟ ସୁଧୀର ମଉଡ଼ମଣି ପ୍ରମୁଖ ୭ ଜଣ ପ୍ରମୁଖ ପ୍ରକାଶକ ପ୍ରତିଷ୍ଠାତା ସଦସ୍ୟ ଭାବେ ରହିଛନ୍ତି। ଶନିବାର ଓଡ଼ିଆ ମିଡିଆ କାର୍ଯ୍ୟାଳୟରେ ସଂଘର କର୍ମକର୍ତ୍ତା ଚୟନ ସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। କ୍ଷୀରୋଦ ଚନ୍ଦ୍ର ପତି ସଂଘର ସଭାପତି ହୋଇଥିବା ବେଳେ ବନୋଜ ତ୍ରିପାଠୀ ଓ ସରୋଜ ବଳଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଶୁଭ୍ରାଂଶୁ ପଣ୍ଡା ଅନୁଷ୍ଠାନର ସମ୍ପାଦକ ରହିଥିବାବେଳେ ରାଧାକାନ୍ତ ଘଡ଼େଇଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି।

# ସଉରା ଚିତ୍ରକଳା 'ଇଡିତାଲ୍' ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୨୧।୫(ସମିସ) : ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ମାସ ୪ରୁ ଚାଲିଥିବା ୧୫ ଦିନିଆ ଗ୍ରୀଷ୍ମକାଳୀନ ସଉରା ଚିତ୍ରକଳା 'ଇଡିତାଲ୍ ଶିବିର' ଉଦ୍‌ଯାପିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ପରିସରରେ ଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବିଧ ସଂଗ୍ରହାଳୟ ସମ୍ପର୍କରେ ସୂଚନା ଦେବା ସହିତ ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର କମିସନର ତଥା ଶାସନ ସଚିବ ରୂପାରୋଶନ ସାହୁ ଜନଜାତିଙ୍କ ଉତ୍କର୍ଷ କଳା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଏ ସ୍ ସି ଏ ସ୍ ଟି ଆ ର ଟି ଆ ଇ ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଭୁବନେଶ୍ୱରର ପ୍ରାୟ ୧୪ଟି ବିଦ୍ୟାଳୟରୁ ୩୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବି.କେ. କଲେଜ ଅଫ୍ ଆର୍ଟ୍ସର ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ସଉରା ଚିତ୍ରଶିଳ୍ପୀ ଜୁନେସ୍ ଗମାଙ୍ଗ ଓ ରବିନାଥ ଶବର ଯୋଗ ଦେଇଥିଲେ। ସଂଗ୍ରହାଳୟର ସହ ନିର୍ଦ୍ଦେଶକ ଡ. ସଂଘମିତ୍ରା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



